# ଅନିଲଙ୍କ ସହ ଚା'ଭୋଜି

ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ସହ ଗତ ସପ୍ତାହରେ ଏକ ଚା'ଭୋଜିରେ ସାକ୍ଷାତ, ଆଲୋଚନା ହୋଇଥିଲା । ମୋ' ସହିତ ଓଡ଼ିଶାର ପ୍ରମୁଖ ଗଣମାଧ୍ୟମର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶାରେ ପୁଞ୍ଜିନିବେଶ କରିବାର ନିଷ୍ପତ୍ତି ପନ୍ଦରବର୍ଷ ତଳୁ ନେଇଥିଲେ ହେଁ ଶ୍ରୀ ଅଗ୍ରୱାଲ ଗଣମାଧ୍ୟମର ମୁଖ୍ୟମାନଙ୍କ ସହିତ ଏପରି ଅନୌପଚାରିକ ଆଲୋଚନା ମାଧ୍ୟମରେ ଭାବର ଆଦାନପ୍ରଦାନ କରିବାପାଇଁ ଉଚିତ ମଣିନଥିଲେ । ଏବେ ବୋଧହୁଏ ସେ ଭାବୁଛନ୍ତି ଯେ ଓଡ଼ିଶାର ଗଣମାଧ୍ୟମ ତାଙ୍କୁ ଭଲକରି ବୁଝିପାରି ନାହାନ୍ତି ଏବଂ ବୁଝାମଣାର ଅଭାବରୁ ତାଙ୍କର ପ୍ରକଳ୍ପଗୁଡ଼ିକ ପାଇଁ ଯେତିକି ସମର୍ଥନ ମିଳିବା କଥା ମିଳିପାରୁନାହିଁ । ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ ତିଆରି ହୋଇପାରୁନାହିଁ । ଆମେ କିନ୍ତୁ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ବେଦାନ୍ତ ହେଉ ବା ଅନ୍ୟକୌଣସି ଶିଳ୍ପାନୁଷ୍ଠାନ ହେଉ, କାହାରି ପ୍ରତି ଆମର ବ୍ୟକ୍ତିଗତ ବିରୋଧ ନାହିଁ । ଆମେ ଭଲଭାବରେ ଜାଣୁ, ଖଣିଖାଦାନଭରା ଓଡ଼ିଶାକୁ ବିକାଶପଥରେ ଆଗେଇ ନେବାକୁ ହେଲେ ଖଣିଜ ସଂପଦର ବିନିଯୋଗ ହେବା ଦରକାର । ପୁଣି ଖଣିଜ ସଂପଦର ବିନିଯୋଗ ପାଇଁ ପୁଞ୍ଜିନିବେଶ ଏକାନ୍ତ ଅପରିହାର୍ଯ୍ୟ । ସରକାର ଏକାକୀ ଆବଶ୍ୟକ ପଡୁଥିବା ଏତେ ପୁଞ୍ଜି ଯୋଗାଡ଼ କରିପାରିବେ ନାହିଁ । ବେଦାନ୍ତ, ପୋସ୍କୋ, ଟାଟା, ମିତ୍ତଲ ପରି ବୃହତ୍ ଶିଳ୍ପଗୋଷ୍ଠୀମାନେ ଆଗେଇ ଆସିଲେ ହିଁ ଏହା ସମ୍ଭବ ହେବ । ସେ ଦୃଷ୍ଟିରୁ ଯେକୌଣସି ଶିଳ୍ପଗୋଷ୍ଠୀକୁ ଆମେ ସ୍ୱାଗତ କରୁ । ତେବେ ଅନିଲ ଅଗ୍ରୱାଲଙ୍କର ମନଖୋଲା କଥାରୁ ଗୋଟିଏ, ଦୁଇଟି କଥା ମନକୁ ଆସୁଛି । ଅତ୍ୟନ୍ତ ଭାବାବେଗରେ ସେ ନିଜକୁ ଜଗନ୍ନାଥଙ୍କର ପରମଭକ୍ତ ବୋଲି କହିଲେ । ଓଡ଼ିଶା ସହିତ ସଂପର୍କର ବର୍ଣ୍ଣନା କରି ଆମ ଭାରତୀୟ ବିବାହ ସହ ତୁଳନା କଲେ । ଦୁଇଟି ଅଚିହ୍ନା ମଣିଷ ପରସ୍ପର ସଂପର୍କରେ ବିଶେଷକିଛି ନଜାଣି ଯେତେବେଳେ ନୂଆ ସଂସାର କରନ୍ତି, ପ୍ରଥମେ ପ୍ରଥମେ କିଛି କିଛି ଅସୁବିଧା ହୁଏ । ତେବେ ପରବର୍ତ୍ତୀ ସମୟରେ ସେମାନେ ଏପରି ଅତୁଟ ବନ୍ଧନରେ ବାନ୍ଧିହୋଇ ଯାଆନ୍ତି ଯେ ତାହାର ପଟାନ୍ତର ନାହିଁ । ମୁଁ ମଧ୍ୟ ତାଙ୍କୁ ବଧେଇ ଜଣାଇ କହିଥିଲି, ତାଙ୍କପରି ଲକ୍ଷ୍ମୀବତୀ ସ୍ତ୍ରୀକୁ ବାହା ହେବାପାଇଁ କିଏ ନଚାହିଁବ ! ସ୍ତ୍ରୀ ଲକ୍ଷ୍ମୀବତୀ ହେବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ ନେଇ ଚାଲିଲେ ସୁଖୀ ସଂସାର ଗଢ଼ିଉଠେ । ବୁଝାମଣା ଠିକ୍ ରହେ ।

ଅନିଲ ଅଗ୍ରୱାଲଙ୍କ କଥା ଓ ଚା'ଭୋଜି ମୋ ପାଇଁ ଶିକ୍ଷଣୀୟ ହୋଇଛି ଏବଂ କେତୋଟି ଅଡୁଆ ପ୍ରଶ୍ନ ମୋତେ ଆନ୍ଦୋଳିତ କରୁଛି । ପୁଞ୍ଜିନିବେଶକାରୀମାନେ ଯଦି ଏପରି ଆବେଗର ସହ ଓଡ଼ିଶାକୁ ଆସିବାକୁ ଚାହୁଁଛନ୍ତି ଏବଂ ଦରିଦ୍ର ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ ବୋଲି କହୁଛନ୍ତି, ସାଧାରଣଭାବେ ତାଙ୍କୁ ସେପରି ଜନସମର୍ଥନ ମିଳୁନାହିଁ କାହିଁକି ? ତାଙ୍କର କାର୍ଯ୍ୟକ୍ରମରେ ଅନ୍ତରାୟ ସୃଷ୍ଟି କରୁଛି କିଏ ? ଆମ ବିଚାରରେ ବୁଝାମଣାରେ କେଉଁଠି କିଛି ଅସୁବିଧା ରହୁଛି । ଅତୀତରେ ଯେଉଁମାନେ ଭାରତର ବିଭିନ୍ନ ଅଞ୍ଚଳରେ ଶିଳ୍ପାନୁଷ୍ଠାନ ଗଢ଼ିଥିଲେ ସେତେବେଳେ କଣ ଏଭଳି ପ୍ରତିରୋଧର ସମ୍ମୁଖୀନ ହେଉଥିଲେ ? ନା ଆଧୁନିକ ଗଣତନ୍ତ୍ର ବିରୋଧୀତତ୍ତ୍ୱକୁ କେବଳ ତିଷ୍ଠି ରହିବାପାଇଁ ଏଭଳି ସୁଯୋଗ ଦେଉଛି ?

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ଗତ ନିର୍ବାଚନରେ ନବୀନ ପଟ୍ଟନାୟକ ତୃତୀୟଥର ପାଇଁ ବହୁ ଭୋଟପାଇ କ୍ଷମତାକୁ ଆସିଲେ । ତେବେ ପ୍ରଶ୍ନ ଉଠୁଛି, ନବୀନଙ୍କୁ ଯେଉଁ ଜନସମର୍ଥନ ମିଳିଛି ତାଙ୍କ କାର୍ଯ୍ୟକ୍ରମପାଇଁ ସେ ତାହାକୁ କାହିଁକି ଜୁଟାଇପାରୁନାହାନ୍ତି ? ବିଜୁବାବୁଙ୍କର ସ୍ୱପ୍ନଥିଲା ଦ୍ୱିତୀୟ ଇସ୍ପାତ କାରଖାନା । ଜାନକୀବାବୁ ଆଉ ପାଦେ ଆଗେଇଯାଇ ହଜାରେ ଦିନରେ ହଜାରେ ଶିଳ୍ପ ଓ ଏକାଧିକ ଇସ୍ପାତ କାରଖାନା ପ୍ରତିଷ୍ଠାର ସଂକଳ୍ପ ନେଲେ । ଓଡ଼ିଶାରେ ଶିଳ୍ପର କିଛିଟା ବାତାବରଣ ସୃଷ୍ଟି ହେଲା । ନୀଳାଚଳ ଇସ୍ପାତ ନିଗମର କାର୍ଯ୍ୟ ଆରମ୍ଭହେଲା । ଏବେ ନବୀନବାବୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାପାଇଁ ପ୍ରାୟ ପଚାଶଟି ଏମ.ଓ.ୟୁ. ସ୍ୱାକ୍ଷର କରିସାରିଲେଣି । ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛିବୋଲି ଡିଣ୍ଡିମ ପିଟାଯାଉଛି । ଅଥଚ ଟାଟା, ପୋସ୍କୋ, ମିତ୍ତଲ ପରି ପ୍ରମୁଖ ପୁଞ୍ଜିନିବେଶକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ । ସେମାନେ ଜନସାଧାରଣଙ୍କ ତରଫରୁ ଗତିରୋଧର ସମ୍ମୁଖୀନ ହେଉଛନ୍ତି । ତା'ମାନେ କଣ ବୁଝିବାକୁ ହେବ ଯେ ନବୀନବାବୁଙ୍କୁ ମିଳିଥିବା ଜନସମର୍ଥନରେ କିଛି ଭେଜାଲ ଅଛି ବା ନବୀନବାବୁଙ୍କର ଏହି ଶିଳ୍ପନୀତି ପ୍ରତି ଓଡ଼ିଶାର ଜନସମର୍ଥନ ନାହିଁ ? ଏହାର ଠିକ୍ ଉତ୍ତର ନବୀନବାବୁ ହିଁ ଦେଇପାରିବେ ।

ଅନିଲ ଅଗ୍ରୱାଲ ପୁଣି କ୍ଷୋଭ ପ୍ରକାଶ କରିଥିଲେ ଯେ ସେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି, ସେଥିପାଇଁ ଆବଶ୍ୟକ ପଡୁଥିବା ଭିତ୍ତିଭୂମି ନିର୍ମାଣ କରିବାକୁ ଚାହୁଁଛନ୍ତି, ଅଥଚ ତାଙ୍କର ଏ ମହତ ଉଦ୍ଦେଶ୍ୟକୁ ଓଡ଼ିଶାବାସୀ ଠିକ୍ ଭାବରେ ବୁଝିପାରୁନାହାନ୍ତି । ଅନିଲବାବୁଙ୍କ କ୍ଷୋଭରୁ ସ୍ୱତଃ ମନକୁ ଏକ ପ୍ରଶ୍ନ ଆସୁଛି । ଏବେ ଆମେ ବିଭିନ୍ନ ଶିକ୍ଷାନୁଷ୍ଠାନର ରଜତ, ହୀରକ ଓ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଉଛୁ । ଏହି ଉତ୍ସବମାନଙ୍କରେ ଯୋଗଦେଲାବେଳେ ଗୋଟିଏ କଥା ସ୍ପଷ୍ଟ ବାରିହୋଇପଡୁଛି । ପଚାଶବର୍ଷତଳେ ସଂପୂର୍ଣ୍ଣ ବେସରକାରୀ ଉଦ୍ୟମରେ, ଉଦ୍ୟୋକ୍ତା ବନ୍ଧୁମାନେ ଯେତେବେଳେ ବିଦ୍ୟାଳୟଟିଏ ପ୍ରତିଷ୍ଠା କରିବାପାଇଁ ଅଣ୍ଟାଭିଡନ୍ତି ସେତେବେଳେ ବହୁ ବଦାନ୍ୟବ୍ୟକ୍ତି ନିଜର ଭୂସଂପତ୍ତି ସହିତ ତନ୍-ମନ୍-ଧନ୍ ଦାନ କରିବାପାଇଁ ଆଗେଇ ଆସନ୍ତି । ବେଦାନ୍ତ ବିଶ୍ୱବିଦ୍ୟାଳୟ ଯଦି ଏପରି ଏକ ବିଶ୍ୱବିଖ୍ୟାତ ଅନୁଷ୍ଠାନ ହେବାକୁ ଯାଉଛି, ତେବେ ତା'ପାଇଁ ଜମି ପାଇବାରେ ଏତେ ଅସୁବିଧା ହେଉଛି କାହିଁକି ? ଆମ ବିଚାରରେ ଏ କ୍ଷେତ୍ରରେ ମଧ୍ୟ କିଛି ଭୁଲ ବୁଝାମଣା ରହିଯାଉଛି । ନବୀନବାବୁ ଓ ତାଙ୍କର ଅନୁଗତମାନେ ଓଡ଼ିଶାବାସୀଙ୍କୁ ଉଚିତ କଥାଟି ବୁଝାଇପାରୁ ନାହାନ୍ତି । ନିର୍ବାଚନରେ କୌଣସି ଉପାୟରେ ମତଟି ହାସଲକରିଛନ୍ତି ସତ, କିନ୍ତୁ ନିର୍ବାଚିତ ହେଲାପରେ ନିଜ କାର୍ଯ୍ୟକ୍ରମଗୁଡ଼ିକ ସପକ୍ଷରେ ଏ ମତକୁ ବିନିଯୋଗ କରିପାରୁନାହାନ୍ତି । ବେଦାନ୍ତ ଏକ ବେସରକାରୀ ଅନୁଷ୍ଠାନ । ଏ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାପାଇଁ ସରକାର କାହିଁକି ଜମି ଅଧିଗ୍ରହଣ କରିବେ ? ଓଡ଼ିଶାରେ ଛୋଟବଡ଼ ଅନେକ ବେସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲାଣି । ଛୋଟ ହେଲେ ମଧ୍ୟ ସେମାନଙ୍କର ଜମି ଦରକାର । ତାଙ୍କପାଇଁ ସରକାର ଜମି ଅଧିଗ୍ରହଣ କରୁଛନ୍ତି କି ? ପୁଣି ବେଦାନ୍ତ ଯେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିବ ସେଥିପାଇଁ ପୁଞ୍ଜି ଅତିରିକ୍ତ ତାଙ୍କର ଦକ୍ଷତା ଓ ଯୋଗ୍ୟତା ଏ ପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ । ତେଣୁ ସାଧାରଣ ଲୋକେ କିପରି ବିଶ୍ୱାସ କରିବେ ଯେ ଏହା ଏକ ଅସାଧୁମେଣ୍ଟ ନୁହେଁ?

ଏଣୁ ଅନିଲବାବୁ କେବଳ ନବୀନବାବୁଙ୍କ ପ୍ରଶାସନ ଉପରେ ନିର୍ଭର ନକରି ତାଙ୍କ ପ୍ରକଳ୍ପ ଯେ ଓଡ଼ିଶାର ସାଧାରଣ ହିତସାଧନ କରିପାରିବ, ଏଭଳି ଏକ ଧାରଣା ସୃଷ୍ଟି କରିବାପାଇଁ କାର୍ଯ୍ୟକ୍ରମ ନିଅନ୍ତୁ । ଠିକ୍ ସେହିପରି ନବୀନବାବୁ ତାଙ୍କ ପଛରେ ଥିବା ଜନସମର୍ଥନକୁ ତାଙ୍କ କାର୍ଯ୍ୟକ୍ରମ ସପକ୍ଷରେ ଜୁଟାଇବା ପାଇଁ ଉଦ୍ୟମ କରନ୍ତୁ । ତା' ନହେଲେ ତାଙ୍କର ଜନସମର୍ଥନ ଭେଜାଲ ବୋଲି ଯେଉଁ ଅଭିଯୋଗ ହୋଇଛି ତାହାକୁ ସଂପୂର୍ଣ୍ଣ ଅସ୍ୱୀକାର କରିହେବ ନାହିଁ ।